ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୧୯ ଜୁଲାଇ, ୨୦୨୩

## ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କଲେ ଗ୍ରାମବାସୀ

ବାଲିଗୁଡା,୧୮।୭(ସଞ୍ଜୟ କୁମାର ପାଣିଗ୍ରାହୀ)- ଅଘୋଷିତ ଓ ବାରମ୍ବାର ବିଜୁଳି କାଟ ସମସ୍ୟାକୁ ନେଇ ଗ୍ରାମବହ ମହିଳା ଓ ପୁରୁଷ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ବାଲିଗୁଡା ବ୍ଲକ ଅନ୍ତର୍ଗତ ଖମନଖୋଲ ପଞ୍ଚାୟତର ମହିଳା ଓ ପୁରୁଷ ବାଲିଗୁଡା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବା ସହ ଚେତାବନୀ ଦେଇଛନ୍ତି । ବାରମ୍ବାର ବିଦ୍ୟୁତ କାଟ ସହ ଲୋ ଭୋଲଟେଜ ସମସ୍ୟା ୪ ମାସ ଧରି ଲାଗିରହିଛି। ଫଳରେ ଦୁଇଟି ପଞ୍ଚାୟତର ଅଞ୍ଚଳବାସୀ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଯଦି ଏହା ସମାଧାନ ନକରାଯାଏ ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ଧାରଣାରେ ବସିବା ସହ କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

### ସଂକ୍ଷେପରେ

## ବିଜେଡି ନିର୍ବାଚନ ମଣ୍ଡଳୀସ୍ତରୀୟ ବୈଠକ

ରାଇକିଆ, ୧୮।୭(ପ୍ରଦୀପ ବେହେରା): ବିଜୁ ଜନତା ଦଳର ଜି .ଉଦୟଗିରି ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମକର୍ତ୍ତାଙ୍କୁ ନେଇ ମଙ୍ଗଳବାର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ସାଲୁଗା ପ୍ରଧାନ, ଜିଲା ବିଜେଡ଼ି ପର୍ଯ୍ୟବେକ୍ଷକ ବିଜୟ ନାୟକ, ଜିଲା ପରିଷଦ ଉପାଧକ୍ଷା ସାଧବାଣୀ ନାୟକ ଏବଂ ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ରୋଦନ ମଲିକ, ରାଇକିଆ ବ୍ଲକ ଅଧକ୍ଷ ପ୍ରୀତମ ପ୍ରଧାନଙ୍କ ସମେତ ଦଳୀୟ କର୍ମୀ ଏବଂ ନିର୍ବାଚିତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପରଲୋକ ଗମନ କରିଥିବା ଜି.ଉଦୟଗିରି ଏନଏସି ଅଧକ୍ଷା ଭାନୁପ୍ରଭା ମିଶ୍ରଙ୍କ ଉଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ବୈଠକରେ 'ଆମ ଓଡ଼ିଶା ଓ ନବୀନ ଓଡିଶା' କାର୍ଯ୍ୟକ୍ରମ ସମ୍ପର୍କରେ ବିଧାୟକ ଏବଂ ପର୍ଯ୍ୟବେକ୍ଷକ ସମସ୍ତ କର୍ମୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ବିଜେଡି ସଭାପତି ରାଜମୋହନ ଦିଗାଲ ସଂଯୋଜନା କରିଥିଲେ।

## ଗଜପତି ଗସ୍ତରେ ବିଶାଖାପଟନମ ରେଳ ଡିଭିଜନର ଡିଆରଏମ୍

ପାରଳାଖେମୁଣ୍ଡି, ୧୮।୭ (ଗିରିଧାରୀ ପରିଛା): ବିଶାଖାପଟନମ ଡିଭିଜନର ଡିଆରଏମ ଅନୁପ କୁମାର ସତପଥି ମଙ୍ଗଳବାର ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଦିନିକିଆ ଗସ୍ତରେ ଆସି ପରିଦର୍ଶନ ଓ ନିରୀକ୍ଷଣ କରି ଫେରିଛନ୍ତି। ନୌପଡା ଗୁଣପୁର ରେଳପଥର ମରାମତି, ପାରଳାଖେମୁଣ୍ଡିର ନିର୍ମାଣଧିନ ପ୍ଲାଟଫର୍ମ, ପ୍ରସ୍ତାବିତ ନୂତନ ରେଳଷ୍ଟେସନ ନିର୍ମାଣ ଓ ବିଭିନ୍ନ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥାର ନିରୀକ୍ଷଣ କରିଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀମାନେ ଭେଟି ଷ୍ଟେଶନର ବିଭିନ୍ନ ସମସ୍ୟାର ସମାଧାନ ଲାଗି ଲିଖିତ ଭାବେ ଜଣାଇଛନ୍ତି। ରେଳ ଷ୍ଟେଶନ ନିକଟରେ ଥିବା ହନୁମାନ ମନ୍ଦିରକୁ ଉଚ୍ଛେଦ ନ କରିବାକୁ ବୁଦ୍ଧିଜୀବୀମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ତେବେ ଏହି ସମସ୍ୟାର ସମାଧାନ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପରେ ହିଁ ଉଚ୍ଛେଦ ନିଷ୍ପତ୍ତି ହୋଇପାରିବ ବୋଲି କହିଥିଲେ। ସେହିପରି ଆସନ୍ତା ବର୍ଷ ମଧ୍ୟରେ ପାରଳା ରେଳ ଷ୍ଟେଶନର ନବୀକରଣ କାର୍ଯ୍ୟ ସମାପନ ହୋଇ ଉଦଘାଟିତ ହେବ ବୋଲି ସୂଚନା ଦେବା ସହ ଏହି ରେଳପଥରେ ଟ୍ରେନର ଗତି ବଢାଯିବା ସହ ଅନ୍ୟାନ୍ୟ ଆଧୁନିକୀକରଣ ବ୍ୟବସ୍ଥା, ଷ୍ଟେଶନର ଓ ରେଳପଥର ସବୁ ସମସ୍ୟା ଖୁବଶୀଘ୍ର ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ଯୁବକଙ୍କୁ ମାଡ଼ମାରି ଲୁଟ୍ ଘଟଣା, ଆଉ ୨ ଗିରଫ

ଆସିକା,୧୮।୭(ସୁରେନ୍ଦ୍ରନାଥ ସାହୁ) ଗାଙ୍ଗପୁର ଥାନା ଅନ୍ତର୍ଗତ ଖଇରପୁଟି ରାସ୍ତାରେ ଶନିବାର ରାତିରେ କେନ୍ଦୁପଦରର ଦିଲୀପ କୁମାର ପାତ୍ରଙ୍କୁ ମାଡ ମାରି ଲୁଟ ଘଟଣାରେ ପୋଲିସ ମଙ୍ଗଳବାର ପୁଣି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ବଡସାଦରା ଗ୍ରାମର ନାରାୟଣ ପ୍ରଧାନଙ୍କ ସ୍ତ୍ରୀ ଶାନ୍ତିଲତା ପ୍ରଧାନ ଓ ପଣିବନ୍ଧ ଗ୍ରାମର ରମେଶ ସ୍ୱାଇଁ । ରମେଶଙ୍କଠାରୁ ପୋଲିସ ୩୯ ହଜାର ଟଙ୍କା ଜବତ କରିଥିଲା ବେଳେ ଶାନ୍ତିଲତାଙ୍କ ଠାରୁ ବହୁ ମୂଲ୍ୟବାନ କାଗଜପତ୍ର ଓ ଜିନିଷ ଥିବା ବ୍ରିଫକେସ ଜବତ କରାଯାଇଛି । ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି। ପୋଲିସ ଏହି ମାମଲାରେ ସୋମବାର ୨ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୬୨ ହଜାର ୫ଶହ ଟଙ୍କା, ଗୋଟିଏ କାର ଓ ଗୋଟିଏ ବାଇକ ଜବତ କରିଥିଲା । ଲୁଟ ହୋଇଥିବା ୧ଲକ୍ଷ ୧୫ ଟଙ୍କା ମଧ୍ୟରୁ ଦୁଇଟି ଦଫାରେ ପୋଲିସ ୧ଲକ୍ଷ ୧ ହଜାର ୫ଶହ ଟଙ୍କା ଜବତ କରିଲାଣି।

# ଡାଳିମ୍ବପୁର-କେରାଣ୍ଡି ଅସ୍ଥାୟୀ ରାସ୍ତା ଧୋଇଗଲା

### ଯୋଗାଯୋଗ ବିଚ୍ଛିନ୍ନ

ପାରଳାଖେମୁଣ୍ଡି,୧୮।୭ (ଗିରିଧାରୀ ପରିଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ତଥା ଗୋଷାଣି ବ୍ଲକ କେରାଣ୍ଡି ପଞ୍ଚାୟତ ଅନ୍ତର୍ଗତ ଡାଳିମ୍ବପୁର-କେରାଣ୍ଡି ରାସ୍ତାରେ ଥିବା ଏକ ବଡ଼ ନାଳ ଉପରେ ପୋଲ ନିର୍ମାଣ ଆରମ୍ଭ ହୋଇଥିଲା। କାମ ଆରମ୍ଭରୁ ଏହି ଡାଇଭର୍ସନ ରାସ୍ତାରେ ବ୍ୟାପକ ଅନିୟମିତା ଏବଂ ନିମ୍ନମାନର ହାଇଥିବାର ଅଭିଯୋଗ ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବ୍ରିଜ ନିର୍ମାଣ ପାଇଁ ଟେଣ୍ଡର ହୋଇଥିଲେ ହେଁ ତାହା ଠିକ ବର୍ଷା ଦିନ ପୂର୍ବରୁ ଖନନ କରାଯାଇ ଗ୍ରାମବାସୀଙ୍କ ଯାତାୟତ ଲାଗି ଏକ ଡାଇଭର୍ସନ ରାସ୍ତା ନିର୍ମାଣ କରାଯାଇଥିଲା। ଏହି ରାସ୍ତା ଏବେ ଲଗାଣ ବର୍ଷାରେ ଧୋଇଯାଇଛି। ଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଖରାଦିନେ ଏହି କାମ ହେବାର ଥିଲା। ବର୍ତ୍ତମାନ ବର୍ଷା ଦିନରେ କାମ ଆରମ୍ଭ କରାଯାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ଉକ୍ତ ନାଳର ବ୍ରିଜ ଉପରେ ଡାଳିମ୍ବପୁର, ଅମରା ଏବଂ ରାଚିଣି



ଧୋଇଯାଇଥିବା ରାସ୍ତା।

ଜନସାଧାରଣ ନିର୍ଭର କରିଥାନ୍ତି। ଏହି ବ୍ରିଜ ନିର୍ମାଣ ଲାଗି ଗତ ଫେବୃୟାରୀରେ କାମ ଲାଗି ଚୁକ୍ତିନାମା ହୋଇଥିଲା। ବର୍ଷା ଦିନ ପୂର୍ବରୁ ତଥା ଜୁନ ମାସରେ ଖନନ କରାଯାଇଥିଲା। ଏହି ଅସ୍ଥାୟୀ ରାସ୍ତା ଭାସିଯାଇଥିବାରୁ ତିନି ଖଣ୍ଡ ଗ୍ରାମବାସୀ ହେଉଛନ୍ତି। ଆନ୍ଧ୍ର ଦେଇ ପାରଳା ସହରକୁ ଆସିବାକୁ ହେଲେ ୧୦ରୁ ୧୨ କିମି ରାସ୍ତା ଦୂରତା ଦେଇ ଯାତାୟତ କରିବାକୁ ପଡିବ। ଏହାସହ ସେଠାକାର ପୋଲିସ ବିଭିନ୍ନ ସମୟରେ ଯାନବାହାନ ଯାଞ୍ଚ ନାମରେ ହଇରାଣ ହରକତ କରୁଥିବା ଲୋକେ ଧୋଇଯିବାରୁ ପାରଳା ସହର ସହ ବିଚ୍ଛିନ୍ନ ହୋଇପଡିଥିବା କହିଛନ୍ତି ସ୍ଥାନୀୟ ବାସିନ୍ଦା ସୁରେନ୍ଦ୍ର ପ୍ରଧାନ, ସୁଦର୍ଶନ ପାତ୍ର, ମାନଗୁଲୁ ଜେନା ପ୍ରମୁଖ। ତେଣୁ ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଗମନାଗମନ ବ୍ୟବସ୍ଥା କରୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

## ବେଲଗୁଣ୍ଠାରେ ଜିଲାପାଳଙ୍କ ସମୀକ୍ଷା ବୈଠକ

ବେଲଗୁଣ୍ଠା,୧୮।୭(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ସୋମବାର ବେଲଗୁଣ୍ଠା ବ୍ଲକ ଓ ଏନ୍ଏସି ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହିତ ଜନ ପ୍ରତିନିଧି ଓ ଅଧିକାରୀମାନଙ୍କ ସହିତ ଆଲୋଚନା ବୈଠକ କରିଛନ୍ତି। ବ୍ଲକସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ବିଡିଓ ରୋଶନ ଶତପଥୀ, ଏନ୍ଏସି ନିର୍ବାହୀ ଅଧିକାରୀ ରାକେଶ କୁମାର ପାତ୍ର, ତହସିଲଦାର ମନୋଜ ପ୍ରଭାକର କୁଜୁର, ଅତିରିକ୍ତ ତହସିଲଦାର ଧରଣୀଧର ବେହେରା, ସମସ୍ତ ଜନପ୍ରତିନିଧିମାନଙ୍କ ସହିତ ଆଲୋଚନା କରି ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହିତ ସେଗୁଡିକର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ପଞ୍ଚାୟତ ଜନପ୍ରତିନିଧି ମାନେ ନିଜ ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ସମ୍ପର୍କିତ ଅଭିଯୋଗ ଉପସ୍ଥାପନ କରିଥିଲେ। ବ୍ଲକରେ ଥିବା ଜୟନ୍ତୀଗଡ ଜଗନ୍ନାଥ ମନ୍ଦିର, ବୁଢ଼ା କେନ୍ଦୁ ମନ୍ଦିର, ବେଲଗୁଣ୍ଠା ମାଁ ବ୍ରାହ୍ମଣ ଦେବୀ ମନ୍ଦିର, ମାଁ କୁମାର ଶୁଣି ପୀଠକୁ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବା ସହିତ ଉକ୍ତ ମନ୍ଦିର ଗୁଡିକର ରୂପାନ୍ତରଣ ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବେଲଗୁଣ୍ଠା ଓ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଡ଼ାକ୍ତର ସମସ୍ୟା ଶୀଘ୍ର ସମାଧାନ ହେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ପରିପ୍ରେକ୍ଷୀରେ ମୋ ଓଡ଼ିଶା-ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ପଞ୍ଚାୟତସ୍ତରରେ ଲୋକାଭିମୁଖୀ କରିବା ପାଇଁ କହିଥିଲେ। ବ୍ଲକରେ ଚାଲିଥିବା ସେତୁ ନିର୍ମାଣ, ଗମନାଗମନ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ଆଦି ସୁବ୍ୟବସ୍ଥିତ କରି ତଦାରଖ କରିବା ପାଇଁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବେଲଗୁଣ୍ଠା ଏନ୍ଏସିରେ ହେବାକୁ ଥିବା ପ୍ରସ୍ତାବିତ ମେଗା ବସ୍ ଟର୍ମିନାଲ, ନିର୍ମିତ ସ୍ମାର୍ଟ ପାର୍କ ପରିଦର୍ଶନ କରି ଖୁସି ବ୍ୟକ୍ତ କରିବା ସହିତ ଏନ୍ଏସି ସ୍ତରରେ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ବାହୀ ଅଧିକାରୀ ଓ ନଗରପାଳଙ୍କୁ ପରାମର୍ଶ ଦେଇଥିଲେ।

## ଅଧକ୍ଷାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ଶ୍ରଦ୍ଧାଞ୍ଜଳି ସଭାରେ ଏନଏସି କର୍ମକର୍ତ୍ତା।

ଜି.ଉଦୟଗିରି,୧୮।୭ (ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସୋମବାର ପରଲୋକ ଗମନ କରିଥିବା ଏନଏସି ଅଧକ୍ଷା ଭାନୁପ୍ରଭା ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏନଏସି ଉପାଧକ୍ଷ ସନ୍ତୋଷ କୁମାର ବାଘଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀ ଶୋକବ୍ୟକ୍ତ କରି ଏନଏସିରେ ଜନ ହିତକର କାର୍ଯ୍ୟ ଠିକ ଭାବେ କରିପାରିଲେ ତାହା ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲ କହିଥିଲେ। ପୂର୍ବତନ ଅଧକ୍ଷ ପି. ସଞ୍ଜୀବ କୁମାର ପାତ୍ର, ପୂର୍ବତନ ଅଧକ୍ଷା ସିଧେଶ୍ୱରୀ ନାୟକ, ଖବରଦାତା ଶିଶିର ପଟ୍ଟନାୟକ, ଏନଏସି ବରିଷ୍ଠ ସହାୟକଙ୍କ ସମେତ କର୍ମଚାରୀମାନେ ଶୋକ ପ୍ରକାଶ କରିଥିଲେ। ସେହିପରି ଜି.ଉଦୟଗିରି ପ୍ରେସ୍ କ୍ଲବ ଠାରେ ସଭାପତିଅରୁଣ ଷଡଙ୍ଗୀଙ୍କ ଅଧକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ମହିଳା ମହାବିଦ୍ୟାଳୟ ଠାରେ ମଧ ଅଧକ୍ଷାଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଥିଲା।

## ଆଦିବାସୀ ଏକତା ପରିଷଦ ପକ୍ଷରୁ ଗଣଧାରଣା

ଫିରିଙ୍ଗିଆ,୧୮।୭(ବିକ୍ରମ ଦିଗାଲ)

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକରେ ମଙ୍ଗଳବାର ରାଷ୍ଟ୍ରୀୟ ଏକତା ପରିଷଦ ପକ୍ଷରୁ ବିଭିନ୍ନ ଦାବି ନେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ରାଲି, ଗଣ ଧାରଣା, ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତହସିଲଦାରଙ୍କୁ ଭେଟି ୨୦ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପରିଷଦର ଶତାଧିକ ଲୋକ ସ୍ଥାନୀୟ ବ୍ଲକ ଛକରୁ ବାହାରି ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ନାରା ଦେଇ ଫିରିଙ୍ଗିଆ ବଜାର ଓ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମୁଖରେ ଗଣଧାରଣା ଓ ବିକ୍ଷୋଭ କରିଥିଲେ। ଆଦିବାସୀମାନଙ୍କ ଉପରେ ହେଉଥିବା ଅନ୍ୟାୟ ଅତ୍ୟାଚାର ଏବଂ ସେମାନଙ୍କ ବିରୋଧରେ ସଂସଦରେ ପ୍ରଣୟନ କରାଯାଉଥିବା ଆଇନ, ୟୁନିଫର୍ମ ସିଭିଲ କୋର୍ଡ, ବିକାଶ ନାମରେ ସେମାନଙ୍କ ଜୀବିକା ଛଡାଇନେବାର ଷଡଯନ୍ତ୍ର ବିରୋଧରେ ଏହି ବିକ୍ଷୋଭ କରାଯାଇଛି। ପରିଷଦର ଜିଲା ସଭାପତି ଭୋଦେବ କହଁରଙ୍କ ନେତୃତ୍ୱରେ ରାଜ୍ୟ ସଭାପତି ଦୟାନିଧି ମଳିକଙ୍କ ସହ କୁଇ ସମାଜ ସଭାପତି ମୁକୁନ୍ଦ କହଁର, ବ୍ଲକ ଅନୁସୂଚିତ ଜାତି ସଭାପତି ଚନ୍ଦ୍ରମୋହନ ନାଏକ, ଫିରିଙ୍ଗିଆ ପଞ୍ଚାୟତ ସମିତି ସଭ୍ୟା ମୌସୁମୀ ପ୍ରଧାନ, କୁଇ ସମାଜ ସମ୍ପାଦକ ପ୍ରମୋଦ କହଁର, ଉପସଭାପତି ପୁରନ୍ଦର କହଁର, ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦର କନ୍ଧମାଳ ଜିଲା ପ୍ରଭାରୀ ତିଳେଶ୍ୱର କହଁର, କଷିନୀପଦର କୁଇ ସମାଜର ଶାଖା ସଭାପତି ଲଣ୍ଡା କହଁର, କୁଇ ସମାଜ ଫିରିଙ୍ଗିଆ ଉପଶାଖାର ସଭାପତି ଗୁଣନିଧି କହଁରଙ୍କ ସହ ଅନୁସୂଚିତ ଜାତି, ଜନଜାତି ଓ ଓବିସି ବର୍ଗର ଶତାଧିକ ଲୋକ ଯୋଗଦେଇଥିଲେ।

## ଧରାକୋଟରେ ସାମାଜିକ ସମୀକ୍ଷା ଜନଶୁଣାଣି

ଧରାକୋଟ,୧୮।୭(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ସଭାଗୃହରେ ସାମାଜିକ ସମୀକ୍ଷା ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଞ୍ଜନଗର ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳି, ଜିଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମୀକ୍ଷା କାର୍ଯ୍ୟକ୍ରମରେ ବିଡିଓ ଡେନିସ ବେହେରା, ସହକାରୀ ଯନ୍ତ୍ରୀ ସାରଦା ପ୍ରସାଦ ଜେନା, ଏବିଡିଓ ଶୁଶିଲ କୁମାର ପଟ୍ଟନାୟକ,ଏପିଓ କୃଷ୍ଣ ଚନ୍ଦ୍ର ବେହେରା, ଜିଲା ସମୀକ୍ଷକ ରବିନ୍ଦ୍ର ମଲାଣ, ତହସିଲଦାର କବିରାଜ ପ୍ରଧାନ, ବ୍ଲକ ଉପାଧକ୍ଷ ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ୨୦୨୨-୨୩ ଆର୍ଥିକ ବର୍ଷର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ପଞ୍ଚଦଶ ଅର୍ଥ କମିଶନ ସହାୟତାରେ ବ୍ଲକସ୍ତରୀୟ ଜନଶୁଣାଣି କରାଯାଇଥିଲା। ସର୍ବମୋଟ ୧୧ଲକ୍ଷ ୯୦ ହଜାର ୧୫୧ କର୍ମ ଦିବସ ସୃଷ୍ଟି ହୋଇଛି।୨୯୧୨ଜଣ କର୍ମଜୀବୀ ୧୦୦ଦିନିଆ କର୍ମ ଦିବସ ସମାପ୍ତ କରିଛନ୍ତି। ମଜୁରି ଓ ସାମଗ୍ରୀ ବାବଦରେ ୩କୋଟି ୭ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଥିଲା। ଏହି ଅବସରରେ ନୂତନ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଗୃହ ଉଦଘାଟିତ ହୋଇଥିଲା।

## ଉନ୍ନୟନ କାର୍ଯ୍ୟ ତଦାରଖ କଲେ ପିଡି

ଶେରଗଡ, ୧୮।୭(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ବ୍ଲକର ୫ଟି ଅନୁଦାନପ୍ରାପ୍ତ ମନ୍ଦିର, ପୀଠ ଗୁଡିକ କାର୍ଯ୍ୟ କିଛିଦିନ ହେଲା ଆରମ୍ଭ ହୋଇଛି। ବିଶେଷ କରି ଶେରଗଡ ଯୁକ୍ତ୨ କଲେଜ, ଉଦୟ ପ୍ରତାପ ଡିଗ୍ରୀ କଲେଜ, ପିତ୍ତଳ ଯୁକ୍ତ ୨ କଲେଜରେ ମଧ କାର୍ଯ୍ୟ ଚାଲିଛି। କରଞ୍ଜେଇ ପୀଠ, ପଞ୍ଚୁଆଣୀରେ ଥିବା ତରାତାରିଣୀ ପୀଠ ମଧ୍ୟ ଉନ୍ନୟନ କାର୍ଯ୍ୟରେ ସାମିଲ ହୋଇଛି। ଏହାର ଅଗ୍ରଗତି ତଦାରଖ କରିବା ନେଇ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି. କିର୍ତ୍ତିୱାସନ ଶେରଗଡ ବ୍ଲକ ପରିଦର୍ଶନ କରି ସମସ୍ତ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଛନ୍ତି। ପିତ୍ତଳ ଜଗନ୍ନାଥ ମନ୍ଦିର, ଉତ୍ତରେଶ୍ୱର ମନ୍ଦିର, ମା କରଞ୍ଜେଇ ପୀଠ,



ପ୍ରକଳ୍ପ କାର୍ଯ୍ୟ ତଦାରଖ କରୁଛନ୍ତି ଉନ୍ନୟନ ଅଧିକାରୀ ଓ ଅନ୍ୟମାନେ।

ପିତ୍ତଳ କଲେଜ, ଶେରଗଡ ଯୁକ୍ତ ୨, ଡିଗ୍ରୀ କଲେଜ ପରିଦର୍ଶନ କରିଛନ୍ତି। ପ୍ରକଳ୍ପ ସମ୍ପର୍କରେ ବିଡିଓ ଶିବାଶିଷ ବରାଳଙ୍କ ପଚାରି ବୁଝିଛନ୍ତି। ଉକ୍ତ ପରିଦର୍ଶନ ସମୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ କେଦାର ପ୍ରସାଦ ପଣ୍ଡା, ସନ୍ତୋଷ କୁମାର ପଟ୍ଟନାୟକଙ୍କ ସମେତ ବ୍ଲକର ଯନ୍ତ୍ରୀ ମାନେ ଉପସ୍ଥିତ ଥିଲେ।

## ମୋ ଘର ଯୋଜନାରେ ସହାୟତା ପ୍ରଦାନ



ହିତାଧିକାରୀଙ୍କୁ ସହାୟତା ଚେକ୍ ପ୍ରଦାନ କରାଯାଉଛି ।

ଆର.ଉଦୟଗିରି,୧୮।୭ (ମନୋଜ କୁମାର ପାଢୀ)

ଆର.ଉଦୟଗିରି ବ୍ଲକରେ ମୋ ଘର ଯୋଜନାରେ ଗରିବ ପରିବାରର ଲୋକଙ୍କୁ ବ୍ୟାଙ୍କ ମାଧ୍ୟମରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦେବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଡିଓ ଲରିମନ ଖର୍ସେଲଙ୍କ ତତ୍ତ୍ୱାବଧାନରେ ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନିଆଯାଉଛି। ପ୍ରଥମ ପର୍ଯ୍ୟାୟର ଋଣ ସହାୟତା ଶନିବାର ଜଣେ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ବିଡିଓ ଲରିମନ ଖର୍ସେଲ, ସମ୍ମାନିତ ଅତିଥି ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଦୀପ ପଡିହାରୀ, ସାମାଜିକ ସୁରକ୍ଷା ଅଧିକାରୀ ଅରଣ ଉଦୟଭାନୁ, ବିପିସି ଆରଏଚ୍ ଓ ବ୍ୟାଙ୍କ ମ୍ୟାନେଜର ପ୍ରମୁଖ ଉପସ୍ଥିତ ରହି ମହେନ୍ଦ୍ରଗଡ ପଞ୍ଚାୟତର ରଣାଲଇ ଗ୍ରାମର ପିତର ପାଣିଙ୍କୁ ୩ ଲକ୍ଷ ଟଙ୍କାର ଏସବିଆଇ ଚେକ ପ୍ରଦାନ କରିଥିଲେ।

## ୨୦୨ ଅଭିଯୋଗ ଶୁଣିଲେ ଜିଲାପାଳ

ରାୟଗଡ଼(ଗଜପତି)୧୮।୭ (ଜ୍ୟୋତିପ୍ରକାଶ ପାଣି)

ଗଜପତି ଜିଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଜପତି ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁନୀଲ ମହାନ୍ତି, ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲାପରିଷଦ ଫାଲଗୁନି ମାଝୀ ମିଳିତ ଜନ ଅଭିଯୋଗ ଶୁଣାଣିରେ ଯୋଗଦେଇଥିଲେ। ଲକ୍ଷ୍ମୀପୁର ସମେତ କଇଁପୁର, ଜିରାଙ୍ଗ ଓ ତାଳମୁଣ୍ଡା ଗ୍ରାମ ପଞ୍ଚାୟତର ମୋଟ ୨୦୨ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୧୪୫ଟି, ସାମୁହିକ ସମସ୍ୟା ୫୭ଟି ରହିଥିଲା। ଏହି ଅଭିଯୋଗଗୁଡିକ ମଧ୍ୟରୁ ୬୩ ଗୋଟି ଅଭିଯୋଗକୁ ତୁରନ୍ତ ଫଇସଲା କରାଯାଇ ସମାଧାନ କରାଯାଇଛି। ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଦଶ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଶିବିରରେ ୪ଟି ପଞ୍ଚାୟତର ୧୦୮ ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଥିଲା। ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ରାୟଗଡ଼ ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧକ୍ଷ ଜ୍ୟୋତି ପ୍ରସାଦ ପାଣି, ଜିଲା ପରିଷଦ ସଭ୍ୟ ପିତାମ୍ବର ନାୟକ, ସ୍ଥାନୀୟ ସରପଞ୍ଚ ସନ୍ୟାସୀ ଶବର, ରାୟଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଧୀର କୁମାର ସିଂ, ତହସିଲଦାର ଲୀଳାବତୀ ଆଚାର୍ଯ୍ୟ, ଜନ ଅଭିଯୋଗ ଶୁଣାଣି ନୋଡାଲ ଅଧିକାରୀ ଓ ସମସ୍ତ ଜିଲା ସ୍ତରୀୟ ଅଧିକାରୀ ଗଣଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ଥିଲେ।

## ଅନିଲ ମହାପାତ୍ର ବିଜେଡି ଜିଲା ସମ୍ପାଦକ

ଶେରଗଡ, ୧୮।୭(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ବ୍ଲକ ଜଣାଶୁଣା ବିଜେଡି ନେତା ତଥା ପିତ୍ତଳର ପୂର୍ବତନ ସରପଞ୍ଚ ଅନିଲ କୁମାର ମହାପାତ୍ର ବିଜେଡି ଜିଲା ସମ୍ପାଦକ ଭାବେ ଚୟନ କରାଯାଇଛି। ଶ୍ରୀ ମହାପାତ୍ର ସମ୍ପାଦକ ଭାବେ ନିଯୁକ୍ତି ହେବା ପରେ କୃଷ୍ଣଚନ୍ଦ୍ର ମଳିକ, କୁମାରପାଣି ସରପଞ୍ଚ ଉଦୟନାଥ ପ୍ରଧାନ, କାଳୁ ସାହୁ, ଜିଲା ବିଜେଡି ଉପସଭାପତି ହୃଷିକେଶ ପାଢୀ, ବୃନ୍ଦାବନ ଗୌଡ, ଗୌରହରି ବିଷୋୟୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ସୂଚନା ଅଧିକାର କର୍ମୀଙ୍କ ଦାବିପତ୍ର ପ୍ରଦାନ

ପୋଲସରା,୧୮।୭(ସୁବ୍ରତ ବେହେରା)

ପୋଲସରା ଶାଖା ଓଡ଼ିଶା ସୂଚନା ଅଧିକାର ଅଭିଯାନ କର୍ମୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୋଲସରା ବିଡ଼ିଓ ଓ ତହସିଲଦାରଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ସୂଚନା ଅଧିକାର ଅଭିଯାନ ରାଜ୍ୟ ଆବାହକ ପ୍ରଦୀପ କୁମାର ପ୍ରଧାନ ଓ ଶ୍ରୀକାନ୍ତ ପାକଳ ନିର୍ଦ୍ଦେଶକ୍ରମେ ଯାଜପୁର ଜିଲା ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କ ବିରୋଧରେ ହୋଇଥିବା ମିଥ୍ୟା ମାମଲା ଓ ସୂଚନା ଅଧିକାର କର୍ମୀ ମାନଙ୍କ ଉପରେ ବାରମ୍ବାର ହେଉଥିବା ଆକ୍ରମଣ, ଏହାକୁ ଦୃଷ୍ଟିରେ ରଖି ଆମକୁ ସୁରକ୍ଷା ଦିଆଯାଉ, ସୂଚନା ଅଧିକାର ଆଇନ କଡ଼ାକଡ଼ି କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ମଙ୍ଗଳବାର ପୋଲସରା ତହସିଲ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରି ତହସିଲଦାର ଭାସ୍କର ଚନ୍ଦ୍ର ସାହୁଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସେହିପରି ବ୍ଲକ ସମ୍ମୁଖରେ ବିଭିନ୍ନ ନାରାବାଜି ଦେଇ ବିକ୍ଷୋଭ ପ୍ରଦର୍ଶନ କରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମରାଜ ପରିଡ଼ାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଓଡିଶା ସୂଚନା ଅଧିକାର ଅଭିଯାନ ପୋଲସରା ଶାଖାର ସଂଯୋଜକ ପ୍ରଶାନ୍ତ କୁମାର ପ୍ରଧାନ, ଆବାହକ ରାଜୀବ କୁମାର ଜେନା ଓ ସୂଚନା ଅଧିକାର ମିଡ଼ିଅର ସେଲ୍, ଏବଂ ସୂଚନା ଅଧିକାର କର୍ମୀ ଶଙ୍କର୍ଷଣ ପ୍ରଧାନ, ରବୀନ୍ଦ୍ର ନାୟକ, ପୀତବାସ ସାହୁ, ଯୋଗେନ୍ଦ୍ର, ଟୁନା ଡାକୁଆ, ରମାକାନ୍ତ ପ୍ରମୁଖ ସମସ୍ତ କର୍ମୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଲଗାଣ ବର୍ଷାରେ ଅଧାପନ୍ତରିଆ ରାସ୍ତା କର୍ଦ୍ଦମାକ୍ତ

### ସମ୍ପ୍ରସାରଣରେ ଅହେତୁକ ବିଳମ୍ବ, ଜନ ଅସନ୍ତୋଷ ବୃଦ୍ଧି

ଦାରିଙ୍ଗବାଡି,୧୮।୭ (ଅରୁଣ ସାହୁ)- ଗତ କିଛିଦିନ ହେଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଲଘୁଚାପ ଜନିତ ବର୍ଷା ଜାରି ରହିଛି। ଦୁର୍ଗମ ଅଞ୍ଚଳଗୁଡିକରେ ରହିଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ବେଳେ ଏକାଧିକ ରାସ୍ତା ଦୀର୍ଘଦିନ ଧରି ସମ୍ପ୍ରସାରଣରେ ବିଳମ୍ବ ଯୋଗୁଁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଦାରିଙ୍ଗବାଡିଠାରୁ କୋଟଗଡ଼ ବ୍ଲକକୁ ସଂଯୋଗ କରୁଥିବା ସିର୍କାବର୍ଗଠାରୁ ପିଟକମେରା ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡିଛି।

ପ୍ରକାଶ ଯେ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସିର୍କାବର୍ଗ ଠାରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ କରାଯାଉଥିବା ବେଳେ ରାସ୍ତାରେ କିଛି ସ୍ଥାନରେ ମେଟାଲ ଓ ଆଉ କିଛି ସ୍ଥାନରେ କେବଳ ମାଟି



ପକାଇ ଛାଡିଦିଆଯାଇଛି। ଆଉ କିଛି ସ୍ଥାନରେ ପୋଲ ନିର୍ମାଣ କରାଯାଇଥିଲେ ସୁଦ୍ଧା ସଂଯୋଗୀକରଣ ରାସ୍ତା ନିର୍ମାଣ କରାଯାଇନାହିଁ। ଫଳରେ ଏବେ ଲଗାଣ ବର୍ଷାରେ ବାଇପାସ ରାସ୍ତାରେ ଯାତାୟତ ସଂପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିବା ସିର୍କାବର୍ଗ ଅଞ୍ଚଳର ହେମନ୍ତ ଉଠାଣ ସିଂ, କୈଳାଶ ବଳିୟାର ସିଂ, କାଳୀ ବଳିୟାର ସିଂ, ସୁଶିଲ ବଳିୟାର ସିଂ ପ୍ରମୁଖ କହିଛନ୍ତି। ଉକ୍ତ ରାସ୍ତାରେ ସିର୍କାବର୍ଗ ଗ୍ରାମ ସମେତ ଉଗଡିଙ୍ଗ, ମାଣିକଯୋଡି, ବାନ୍ଦାମେରା, ଗୁଡ଼ିମାହା ଗ୍ରାମର ପ୍ରାୟ ୧୦ ହଜାର ଲୋକ ପ୍ରଭାବିତ ହେଉଛନ୍ତି। ଶୀଘ୍ର ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ବର୍ଷା ଦିନ ପୂର୍ବରୁ କାର୍ଯ୍ୟ ଶେଷ କରାଯିବା ଆବଶ୍ୟକ ସ୍ଥଳେ ଲୋକଙ୍କ ସମସ୍ୟାକୁ ଅଣଦେଖା କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏନେଇ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ରମାକାନ୍ତ ପଟ୍ଟନାୟକ କହିଛନ୍ତି, ପୋଲ ଉପରେ ଛାତ କାମଗୁଡିକ ହୋଇପାରିନି। ଏବେ ବର୍ଷା ପାଇଁ କାମ ହୋଇପାରୁନି ତଥାପି ଲୋକଙ୍କ ଯାତାୟତରେ ସୁବିଧା କରାଯିବ। ସେ ନିଜେ ଯାଇ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ପାଗଳ କୁକୁର କାମୁଡ଼ାରେ ୧୧ ଆହତ

ବୁଗୁଡ଼ା,୧୮।୭(କାଳି ଚରଣ ଦାଶ)

ବୁଗୁଡ଼ା ସହର ଓ ଏହାର ଆଖପାଖ ଅଞ୍ଚଳରେ ପାଗଳ କୁକୁର କାମୁଡ଼ାରେ ୪ ଜଣ ମହିଳାଙ୍କ ସମେତ ୧୧ ଜଣ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଆତଙ୍କିତ ଲୋକେ ବାଧ ହୋଇ ସେହି କୁକୁରଟିକୁ ମାରି ଦେଇଥିବା ଜଣାଯାଇଛି। ମଙ୍ଗଳବାର ଅପରାହ୍ନରେ ପାଗଳ କୁକୁରଟି ବୀରଧନଞ୍ଜୟପୁର ଶାସନର ସସ୍ମିତା ପ୍ରଧାନ, ନଗୁଡୁ ଗ୍ରାମର ରାମଚନ୍ଦ୍ର ଗୌଡ, ମାଣିତରାର ଦେବାଶିଷ ବାରିକ, ପୋଚାଲୁଣ୍ଡିର ସନ୍ଧ୍ୟାରାଣୀ ବେହେରା, ବୁଗୁଡ଼ାର ସୁନୀତା ପାତ୍ର, ପ୍ରସନ୍ନ ନାୟକ ଓ ଗୁଡୁ ବେହେରାଙ୍କ ସମେତ ଅନ୍ୟ କେତେକଙ୍କୁ କାମୁଡିଥିଲା । ଆହତମାନଙ୍କୁ ମେଡିକାଲରେ ଆଣ୍ଟି ରେବିଜ୍ ଭ୍ୟାକ୍ସିନ୍ ଦିଆଯାଇଥିଲା। ଲୋକେ ବୁଗୁଡ଼ା ସହରର ବିଟ୍ ରାସ୍ତାରେ କୁକୁରଟିକୁ ବାଡେଇ ମାରି ଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୯ ଜୁଲାଇ, ୨୦୨୩

## ହାଇଦ୍ରାବାଦ ପୋଲିସକୁ ରେକର୍ଡ ମାଗିଲେ ଏସ୍‌ପି

ବ୍ରହ୍ମପୁର,୧୮।୭(ସୁବାସ ଚନ୍ଦ୍ର ପାଢ଼ୀ)- ନକଲି ଡାକ୍ତର ଶୁଭ୍ରଜିତ୍ ପଣ୍ଡା ଗିରଫ ହେବା ପରେ ସମସ୍ତ ରେକର୍ଡ ସଂଗ୍ରହ କରୁଛି ବ୍ରହ୍ମପୁର ପୋଲିସ। ଶୁଭ୍ରଜିତ ଏବେ ବ୍ରହ୍ମପୁର ମଣ୍ଡଳକାରାଗାରରେ ଅଛନ୍ତି। ତେଲେଙ୍ଗାନାର ହାଇଦ୍ରାବାଦ ଚିଲକାଲଗୁଡା ପୋଲିସ ଶୁଭ୍ରଜିତଙ୍କୁ ୨୦୨୦ ଫେବ୍ରୁଆରୀରେ କୋର୍ଟ ଚାଲାଣ କରିଥିଲା। ସେତେବେଳେ ଶୁଭ୍ରଜିତ୍‌ଙ୍କ ଠାରୁ ନକଲି ଡାକ୍ତରୀ କାଗଜପତ୍ର ଜବତ ହୋଇଥିଲା। ସେହି କେସ୍ ରେକର୍ଡ ଦେବାକୁ ତେଲେଙ୍ଗାନା ପୋଲିସ ସହ ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ ଏମ୍ ଆଲୋଚନା କରିଛନ୍ତି ।



# ଗଞ୍ଜାମ, ଗଜପତି ଜିଲ୍ଲାକୁ 'ଭୂମି ସମ୍ମାନ'



ରାଷ୍ଟ୍ରପତିଙ୍କଠାରୁ ଗଞ୍ଜାମ ଅତିରିକ୍ତ ଜିଲାପାଳ ପୁରସ୍କାର ଗ୍ରହଣ କରୁଛନ୍ତି।



ପୁରସ୍କାର ସହ ଗଜପତି ଅତିରିକ୍ତ ଜିଲାପାଳ, ଉପ ଜିଲାପାଳ ଓ ତହସିଲଦାର

ଛତ୍ରପୁର(ସନ୍ତୋଷ ପାଢ଼ୀ)/ ପାରଳାଖେମୁଣ୍ଡି(ଗିରିଧାରୀ ପରିଚ୍ଛା),୧୮।୭

ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଭୂମି ସଂସ୍କାର କ୍ଷେତ୍ରରେ ଶ୍ରେଷ୍ଠ ପାରଦର୍ଶିତା ପ୍ରତିପାଦନ କରିଥିବା ଜିଲାଗୁଡିକୁ 'ଭୂମି ସମ୍ମାନ ପ୍ଲାଟିନମ ପ୍ରମାଣପତ୍ର' ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ପୁରସ୍କୃତ ହୋଇଥିବା ଏହି ଜିଲାଗୁଡିକ ମଧ୍ୟାର ଗଞ୍ଜାମ ଓ ଗଜପତି ଜିଲା ରହିଛି। ଭୂମିସଂସ୍କାର ନିମନ୍ତେ ଜିଲାରେ ନିଆଯାଇଥିବା ଦ୍ୱରିତ ଓ ସଫଳ କାର୍ଯ୍ୟକ୍ରମ ପାଇଁ ଯଥା ଜମିପଟ୍ଟାର କମ୍ପ୍ୟୁଟରୀକରଣ, ଜମି ରେଜିଷ୍ଟ୍ରେଶନ କାର୍ଯ୍ୟକ୍ରମର ସରଳୀକରଣ ଓ ସ୍ୱଚ୍ଛତା ଅନୁପାଳନ, ଆଧୁନିକ ରେକର୍ଡ଼ ରୁମ ପରିଚାଳନା ଓ ତହସିଲ ଏବଂ ରେଜିଷ୍ଟ୍ରେଶନ କାର୍ଯ୍ୟାଳୟ ମଧ୍ୟରେ ସଂଯୋଜନା ଆଦି କ୍ଷେତ୍ରରେ ଗଞ୍ଜାମ ଓ ଗଜପତି ଜିଲାର ତହସିଲଗୁଡିକରେ ଆଶାନୁରୂପକ ସଫଳତା ମିଳିଥିବାରୁ ଭାରତ ସରକାରଙ୍କ ତରଫରୁ ଏହି ସମ୍ମାନ ଦିଆଯାଇଛି। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଆଦେଶ ପ୍ରକାରେ ଜିଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ରାଷ୍ଟ୍ରପତିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ପୁରସ୍କାର ଗ୍ରହଣ ସମୟରେ ଗଞ୍ଜାମ ଜିଲା ଡେପୁଟି କଲେକ୍ଟର ଦୟାସିନ୍ଧୁ ପରିଡା, କୁକୁଡାଖଣ୍ଡି ତହସିଲଦାର କଲ୍ୟାଣୀ ସଂଘମିତ୍ରା ଦେବୀ ଉପସ୍ଥିତ ଥିଲେ । ସେହିପରି ଗଜପତି ଜିଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲାପାଳ(ରାଜସ୍ୱ) ବୀରେନ୍ଦ୍ର କୁମାର ଦାସ ରାଷ୍ଟ୍ରପତିଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ସେଠାରେ ଉପ ଜିଲାପାଳ ଆଲୋକ କୁମାର ପ୍ରଧାନ, ତହସିଲଦାର ନାରାୟଣ ବେହେରା ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ନକଲି ଅଫିସରଙ୍କୁ ଖୋଜୁଛି ପୋଲିସ

ବ୍ରହ୍ମପୁର,୧୮।୭(ସୁବାସ ଚନ୍ଦ୍ର ପାଢ଼ୀ)- ପୋଲିସକୁ ଭୁଆଁ ବୁଲାଇ ଟାଉନ ଥାନା ଅନ୍ତର୍ଗତ ପାନବିକା ସାହିରେ ଚଢ଼ାଉ କରିଥିବା ନକଲି ଅଫିସରଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି। ସେମାନଙ୍କ ବିରୋଧରେ ଏତଲା ହୋଇଥିବା ବେଳେ ସେମାନଙ୍କୁ ନୋଟିସ୍ କରାଯିବ ବୋଲି ଟାଉନଥାନା ଅଧିକାରୀ ସୁରେଶ କୁମାର ତ୍ରିପାଠୀ ସୁଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ , ବ୍ରହ୍ମପୁର ସହରରେ ସନ୍ତୋଷ କୁମାର ବେହେରାଙ୍କ ହୋଟେଲ୍ ନିର୍ମାଣ କାର୍ଯ୍ୟ ଚାଲିଛି। ୧୫ତାରିଖ ରାତିରେ କିଛି ଲୋକ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ରଘୁରାଜ ସାହୁ ନିଜକୁ ହ୍ୟୁମାନ୍ ରାଇଟସ୍ ଚେୟାରମ୍ୟାନ୍ ବୋଲି ପରିଚୟ ଦେଇ ଉକ୍ତ କାମ ବନ୍ଦ କରିଥିଲେ। ପରେ ସେଠାରେ ନିୟୋଜିତ ସମସ୍ତ ଗାଡ଼ି ଗୁଡିକୁ ଥାନାକୁ ଆଣି ରଖିଥିଲେ। ସେହିପରି କର୍ମଚାରୀ ମାନେ ଟାଉନ ଥାନାରେ ବସିଥିବା ବେଳେ ସନ୍ତୋଷ ଖବର ପାଇ ଥାନାକୁ ଆସି ସମସ୍ତ କାଗଜପତ୍ର ଦାଖଲ କରିଥିଲେ। ସେତେବେଳେ ଚଢ଼ାଉ କରିଥିବା ବ୍ୟକ୍ତିମାନେ ନକଲି ବୋଲି ଜଣାପଡିଥିଲା। ସେମାନଙ୍କର ଚଢ଼ାଉ କରିବାର କୌଣସି କ୍ଷମତା ନଥିବା ପୋଲିସ ଜାଣିବାକୁ ପାଇଥିଲା। ନିର୍ମାଣାଧୀନ କୋଠାର ଅନ୍ୟତମ ମାଲିକ ସ୍ୱପ୍ନାରାଣୀ ବେହେରା ଘଟଣାକୁ ନେଇ ଥାନାରେ ଅଭିଯୋଗ କରିଥିଲେ। ରଘୁରାଜ ସାହୁ ବ୍ରହ୍ମପୁରର ବାସିନ୍ଦା ହୋଇଥିବା ବେଳେ ପୂର୍ବରୁ ସନ୍ତୋଷଙ୍କୁ ଦାଦାବଟି ମାଗିବା ଅଭିଯୋଗରେ ଗିରଫ ହୋଇ ଜେଲ୍ ଯାଇଥିଲେ। ପୋଲିସ ତଦନ୍ତ ପରେ ହିଁ ଏହି ଘଟଣା ପଛରେ ଥିବା ଅଭିଯୁକ୍ତ ମାନେ ଧରାପଡିବେ ବୋଲି ଆଶା କରାଯାଉଛି।

### ଗଞ୍ଜାମ ଜିଲା ସିପିଆଇ କାର୍ଯ୍ୟକାରୀ କମିଟି ବୈଠକ

ବ୍ରହ୍ମପୁର,୧୮।୭(ନରସିଂହ ସାହୁ) ଗଞ୍ଜାମ ଜିଲା ସିପିଆଇର କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ନିର୍ବାଚନକୁ ଦୃଷ୍ଟି ରଖି ସଂଗଠନକୁ ସୁଦୃଢ଼ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲାର କେଉଁ ଲୋକସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ଦିଆଯିବ ସେନେଇ ଅଗଷ୍ଟ ପ୍ରଥମ ସପ୍ତାହରେ ସ୍ୱତନ୍ତ୍ର ବୈଠକ ହେବ ଏବଂ ନାମ ଘୋଷଣା କରାଯିବ। ଅନ୍ୟପକ୍ଷରେ ଅତୀତରେ ଗଞ୍ଜାମରେ କମ୍ୟୁନିଷ୍ଟ ସଂଗଠନ ସୁଦୃଢ଼ ଥିଲା। ଗତ କିଛିବର୍ଷ ହେବ ବ୍ୟତିକ୍ରମ ଘଟିଛି। ପୂର୍ବ ସ୍ଥିତି ଫେରାଇ ଆଣିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ପାର୍କ ସାହିସ୍ଥ ପାର୍ଟି କାର୍ଯ୍ୟାଳୟରେ ହୋଇଥିବା ବୈଠକରେ କାମଦେବ ନାହାକ ଅଧକ୍ଷତା କରିଥିଲେ। ଜିଲା ସମ୍ପାଦକ ପ୍ରକାଶ ପାତ୍ର ବିବରଣୀ ଉପସ୍ଥାପିତ କରିଥିଲେ। ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପ୍ରଶାନ୍ତ ପାଇଯୋଷୀ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ଆସନ୍ତା ସେପ୍ଟେମ୍ବର ୩ରେ ଛତ୍ରପୁର ଏବଂ ୪ରେ ବ୍ରହ୍ମପୁର ଠାରେ ଜିଲା ସଂଗଠନର ଶାଖା ସମ୍ପାଦକମାନଙ୍କ କର୍ମଶାଳା କରାଯିବାର ସ୍ଥିର କରାଯାଇଛି। ଚଳିତ ମାସର ସବୁ ସହର ଓ ଗ୍ରାମାଞ୍ଚଳରେ ପାର୍ଟିର ଗଣପାଣ୍ଠି ସଂଗ୍ରହ ଅଭିଯାନ ଚାଲିବ। ବୈଠକରେ ବିଭିନ୍ନ ଆଲୋଚନାରେ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଶ୍ରୀହର୍ଷ ରଥ, ଜିଲା ସଂଗଠନର ସହ ସମ୍ପାଦକ ନୀଳକଣ୍ଠ ଦାସ ଓ ପ୍ରଦୀପ ସେଠୀ, କାର୍ଯ୍ୟକାରୀ କମିଟି ସଭ୍ୟ ଦଣ୍ଡପାଣି ସାମଲ, ରଙ୍କନିଧି ସ୍ୱାଇଁ, ଦୁର୍ଗା ଚରଣ ପାତ୍ର, ପ୍ରବୀଣ ଦାସ, ଜନାର୍ଦ୍ଦନ ରେଡ଼ି, ଅଳକନାଥ ମିଶ୍ର, ଦଣ୍ଡପାଣି ପାତ୍ର, ଗୋପାଳ ଭୂୟାଁ, ପଞ୍ଚାନନ ସ୍ୱାଇଁ, ସତ୍ୟ ନାରାୟଣ ମହାପାତ୍ର, କିଶୋର ଶତପଥୀ ପ୍ରମୁଖ ଭାଗ ନେଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ଓମ୍



@ ଶ୍ୟାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଉପହାର ପହଞ୍ଚାଇବା ନାଁରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଠକିନେଲେ

### ସାଇବର ଅପରାଧୀଙ୍କ ଜାଲରେ ବରିଷ୍ଠ ନାଗରିକ

ବ୍ରହ୍ମପୁର,୧୮।୭(ସୁବାସ ଚନ୍ଦ୍ର ପାଢ଼ୀ)

ସାଇବର ଅପରାଧୀଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଦେଶୀ ବନ୍ଧୁ ପଠାଇଥିବା ଉପହାର ପହଞ୍ଚାଇବା ବାହାନାରେ ଜଣେ ବରିଷ୍ଠ ନାଗରିକଙ୍କୁ ଟାର୍ଗେଟ କରି ସାଇବର ଅପରାଧୀମାନେ ତାଙ୍କ ଠାରୁ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଛନ୍ତି। ଗୋଷାଣିନୁଆଗାଁ ଥାନା ଅନ୍ତର୍ଗତ ନୀଳକଣ୍ଠନଗର ଅଞ୍ଚଳର ଅରୁଣ କୁମାର ଖାଡ଼ଙ୍ଗା (୬୨) ଏହି ଅନଲାଇନ୍ ଠକେଇର ଶିକାର ହୋଇଛନ୍ତି। ସୋସିଆଲ୍ ମିଡିଆରେ ଜଣେ ବିଦେଶୀଙ୍କ ସହ ବନ୍ଧୁତା ସ୍ଥାପନ ପରେ ସେ କିଛି ଉପହାର କୋରିୟର ମାଧ୍ୟମରେ ପଠାଇଥିବା ଏବଂ ସେହି ଉପହାରକୁ ଘରେ ପହଞ୍ଚାଇବା ପାଇଁ ବିଭିନ୍ନ ବାହାନା କରି ଜଣେ ଦୁର୍ବୃତ୍ତ ୨ଲକ୍ଷ ୫ହଜାର ଟଙ୍କା ଠକି ନେଇଥିବା ସମ୍ପର୍କରେ ଅରୁଣ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୧୯/୨୩ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ସୋସିଆଲ୍ ମିଡିଆରେ ୟୁନାଇଟେଡ଼ କିଙ୍ଗଡ଼ମ (ୟୁକେ)ର ହ୍ୟାରି ପଲ୍ ନାମକ ଜଣେ ବ୍ୟକ୍ତିଙ୍କ ସହ ଅରୁଣଙ୍କ ବନ୍ଧୁତା ସ୍ଥାପନ ହୋଇଥିଲା। ୫/୬ମାସ ମଧ୍ୟରେ ସେମାନେ ଚାଟିଂ କରିବା ପରେ ବନ୍ଧୁତା ନିବିଡ଼ ହୋଇଥିଲା। ଏହାପରେ ବିଦେଶୀ ବନ୍ଧୁ ଜୋତା, ଆଇଫୋନ୍, ଗହଣା ଆଦି ଉପହାର ନ୍ୟାସନାଲ୍ ଟ୍ରଷ୍ଟ କୋରିୟର ସର୍ଭିସ ମାଧ୍ୟମରେ ପଠାଇଥିଲେ। ଏହାପରେ ଏକ ଅଜଣା ନମ୍ବରରୁ ତାଙ୍କୁ ଫୋନ୍ ଆସିଲା। ପ୍ରଥମେ ୨୦ହଜାର ଟଙ୍କା ଦେଲେ ସେହି ଉପହାର ଏୟାରପୋର୍ଟରୁ ରିଲିଜ୍ ହେବ ବୋଲି କହିବାରୁ ଅରୁଣ ଫୋନ୍ ପେ ମାଧ୍ୟମରେ ତାହା ପଠାଇଥିଲେ। ପୁଣି ସେହି ଅଜଣା ବ୍ୟକ୍ତି ଫୋନ୍ କରି ଉପହାର ପ୍ୟାକେଟରେ ୩୫ହଜାର ପାଉଣ୍ଡ ବିଦେଶୀ ମୁଦ୍ରା ଥିବାରୁ କଷ୍ଟମ୍ ବିଭାଗକୁ ୭୫ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ ବୋଲି କହିଥିଲେ। ସେହିକଥାକୁ ବିଶ୍ୱାସ କରି ପୁଣି ଅରୁଣ ତାଙ୍କୁ ଟଙ୍କା ପଠାଇଥିଲେ। ପୁଣିଥରେ ଫୋନ୍ କରି ସେହି ପାଉଣ୍ଡକୁ ଟଙ୍କାରେ ରୂପାନ୍ତର କରିବା ପାଇଁ ଏୟାରପୋର୍ଟ ଅଧିକାରୀ୧ଲକ୍ଷ ୧୦ ହଜାର ଟଙ୍କା ମାଗୁଥିବା କହିବାରୁ ତାହା ମଧ୍ୟ ଅରୁଣ ଦେଇଥିଲେ। ଏହାପରେ ପୁଣି ଆଇଟି କ୍ଲିୟରାନ୍ସ ପାଇଁ ୨ଲକ୍ଷ ୬୦ହଜାର ଟଙ୍କା ପଠାଇବା ପାଇଁ ତାଙ୍କ ହ୍ୱାଟ୍ସଆପ୍ ନମ୍ବରକୁ ଏକ ମେସେଜ୍ ଆସିଥିଲା। ଏଥିରୁ ଅରୁଣ ଠକାମୀର ଶିକାର ହୋଇଥିବା ଅନୁଭବ କରି ସାଇବର ଓ ଅର୍ଥନୈତିକ ଅପରାଧ ଥାନାର ଦ୍ୱାରସ୍ଥ ହୋଇ ଟଙ୍କା ଫେରି ପାଇବା ପାଇଁ ଅନୁରୋଧ କରିଛନ୍ତି।

## ଲିଙ୍ଗରାଜ ଆଇନ ମହାବିଦ୍ୟାଳୟରେ ଏଲଏଲଏମ ନାମଲେଖା ଦାବି

ବ୍ରହ୍ମପୁର,୧୮।୭(ସ୍ମୃତିରଞ୍ଜନ ମହାଲିକ)- ଲିଙ୍ଗରାଜ ଆଇନ ମହାବିଦ୍ୟାଳୟରେ ରେଗୁଲାର ଭିତ୍ତିରେ ଏଲଏଲଏମ ପାଠ୍ୟକ୍ରମ ଖୋଲି ନାମଲେଖା ପ୍ରକ୍ରିୟା ଆରମ୍ଭ ସହ ଆବଶ୍ୟକ ସଂଖ୍ୟକ ଶିକ୍ଷକ ପଦବୀ ପୂରଣ ପାଇଁ ଏଆଇଡିଏସଓ ଗଞ୍ଜାମ ଜିଲା କମିଟି ଦାବି କରିଛି। ଏ ନେଇ କମିଟି ପକ୍ଷରୁ ମଙ୍ଗଳବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ୨୦୨୩-୨୪ ଶିକ୍ଷା ବର୍ଷଠାରୁ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟରେ ସେଲ୍ଫ ଫାଇନାନ୍ସିଂ ମୋଡରେ ଚାଲିଥିବା ଏଲଏଲଏମ ନାମ ଲେଖା ହେବ ନାହିଁ ବୋଲି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧକ୍ଷଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏକ କନଷ୍ଟିଚ୍ୟୁଏଣ୍ଟ ମହାବିଦ୍ୟାଳୟ ଭାବେ ପରିଗଣିତ ହେଉଥିବା ବେଳେ ଦୀର୍ଘ ବର୍ଷ ଧରି ଉକ୍ତ ମହାବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ସମେତ ଉପଯୁକ୍ତ ଭିତ୍ତି ଭୂମିକର ବିକାଶ ମଧ୍ୟ କରାଯାଉନାହିଁ। ଏହାକୁ ଆଳ କରି ଏଲଏଲଏମ ବିଷୟରେ ନାମ ଲେଖା ବନ୍ଦ କରାଯାଇଛି ବୋଲି କମିଟି ଅଭିଯୋଗ କରିଛି। ଯଦି ଶିକ୍ଷକ ନାହାନ୍ତି ତେବେ ପୂର୍ବରୁ ନାମ ଲେଖାଇଥିବା ଏଲଏଲବି ଓ ଏଲଏଲଏମ ଛାତ୍ରୀଛାତ୍ର କିଭଳି ପାଠ ପଢିବେ ବୋଲି କମିଟି ପ୍ରଶ୍ନ କରିଛି। ଦାବିପତ୍ର ପ୍ରଦାନ ସମୟରେ ଏଆଇଡିଏସଓ ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ଶିବାନୀ ଶଙ୍କର ମିଶ୍ର, ଜିଲା ସଭାପତି ନିମାଇଁ ଚରଣ ସାହୁ, ସଂପାଦକ ନାରାୟଣ ସାହୁ ଓ ଜିଲା କମିଟି ସଦସ୍ୟା ଶୁଭସ୍ମିତା ପାଣିଗ୍ରାହୀ ଉପସ୍ଥିତ ଥିଲେ।

## କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ସାହିତ୍ୟ ଆସର

ବ୍ରହ୍ମପୁର,୧୮।୭(ସ୍ମୃତି ରଞ୍ଜନ ମହାଲିକ)

କଳିଙ୍ଗ ସାହିତ୍ୟ ସମାଜର ଆଷାଢ଼ ମାସ ସାହିତ୍ୟ ଆସର ଉତ୍କଳ ଆଶ୍ରମ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସମାଜର ଉପସଭାପତି ଡ. ବନମାଳୀ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆସରକୁ କବି ସୁଚେତା ପାଣିଗ୍ରାହୀ ସଂଯୋଜନା କରିଥିଲେ। ସାହିତ୍ୟ ସମାଜ ସଭାପତି ଡ ସିଦ୍ଧାର୍ଥ ଶଙ୍କର ପାଢ଼ୀ, ସମ୍ପାଦକ ଡ. ଶରତ କୁମାର ଜେନା, ଡ. ହୃଷୀକେଶ ପଣ୍ଡାଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ଆସରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ସମୀକ୍ଷକ ରୂପେ ଯୋଗଦେଇ ପଠିତ କବିତାଗୁଡ଼ିକର ସମୀକ୍ଷା କରିଥିଲେ। ଦୀନବନ୍ଧୁ ଶ୍ରୀପଲ୍ଲବ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ସାହିତ୍ୟ ଆସରରେ ଲିଙ୍ଗରାଜ ଜେନା, ମିହିର କୁମାର ରଥଶର୍ମା, ନରେନ୍ଦ୍ର ପ୍ରସାଦ ଦାସ, ଲାଲବାହାଦୁର ପଟ୍ଟନାୟକ, ଅରୁଣ ମୋହନ ପାତ୍ର, ଅନୁପ କୁମାର ମିଶ୍ର, ସ୍ୱର୍ଣ୍ଣମୟୀ ପାଢ଼ୀ, ଗିରିଜା ଶଙ୍କର ଦାଶ, ଇଂ ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଚନ୍ଦ୍ରଶେଖର ମହାପାତ୍ର, ଡ. ବନମାଳୀ ପାଣିଗ୍ରାହୀ, ସୁଚେତା ପାଣିଗ୍ରାହୀ, ଡ. କୁଳମଣି ଓଝା, ଦୀନବନ୍ଧୁ ଶ୍ରୀପଲ୍ଲବ, ଅଞ୍ଜଳି ଦାଶ, ଶରତ କୁମାର ଦାସ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ନଳିନୀକାନ୍ତ ଗୌଡ଼ ସମସ୍ତ କବି ଓ କବିତାନୁରାଗୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଗଞ୍ଜାମର ୧୫୧ ହାଇସ୍କୁଲ ହେବ ରୂପାନ୍ତରଣ

### ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ କର : ୫-ଟି ସଚିବ

ଛତ୍ରପୁର,୧୮।୭(ସନ୍ତୋଷ ପାଢ଼ୀ)

ଚତୁର୍ଥ ପର୍ଯ୍ୟାୟରେ ଗଞ୍ଜାମ ଜିଲାର ଆଉ ୧୫୧ଟି ହାଇସ୍କୁଲ ୫-ଟି ଆଧାରରେ ରୂପାନ୍ତରିତ କରାଯିବ। ମଙ୍ଗଳବାର ୫-ଟି ସଚିବ ଭି.କେ. ପାଣ୍ଡିଆନ ଭିସି ଜରିଆରେ ଏ ସମ୍ପର୍କରେ ଏକ ଆଲୋଚନା ବୈଠକ କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ରୁପାରନ୍ତିତ କାର୍ଯ୍ୟ ଶେଷ କରିବାକୁ ସେ ଉକ୍ତ ବୈଠକରେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ସହ ୫-ଟି ସଚିବ କଥା ହୋଇଥିଲେ। ସୂଚନାଯୋଗ୍ୟ, ଗଞ୍ଜାମ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୧୩୩ଟି ହାଇସ୍କୁଲର ରୂପାନ୍ତରିକରଣ କରାଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୨୩୩ଟି ହାଇସ୍କୁଲ ଏବଂ ତୃତୀୟ ପର୍ଯ୍ୟାୟରେ ୧୦୭ଟି ହାଇସ୍କୁଲକୁ ରୂପାନ୍ତରିତ କରାଯାଇଥିଲା । ଏପରିକି ଓଡିଶାରେ ଗଞ୍ଜାମ ଜିଲ୍ଲାରେ ପ୍ରଥମ କରି ୫-ଟି ଆଧାରରେ ହାଇସ୍କୁଲ ରୁପାରିନ୍ତରିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଉଦଘାଟନ କରିଥିଲେ। ରାଜ୍ୟର ବିଧାୟକମାନଙ୍କୁ ଏଠାକୁ ଆଣି ରୂପାନ୍ତରିତ ହାଇସ୍କୁଲଗୁଡିକୁ ପରିଦର୍ଶନ କରାଯାଇଥିଲା। ପରେ ଅନ୍ୟ ଜିଲ୍ଲାରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା। ୫-ଟି ସଚିବଙ୍କ ଭିସିରେ ହୋଇଥିବା ବୈଠକରେ ଛତ୍ରପୁରସ୍ଥିତ ଗଞ୍ଜାମ ଜିଲ୍ଲାପାଳଙ୍କ ଓସ୍ୱାନ ହଲରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଗଞ୍ଜାମ ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଭି. କୀର୍ତ୍ତୀଭାସନ, ଜିଲ୍ଲା ଶିକ୍ଷା ଅଧିକାରୀ ବିନିତା ସେନାପତି, ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଯୋଡି ହୋଇଥିଲେ। ଏଥିସହ ଜିଲ୍ଲାର ସମସ୍ତ ବ୍ଲକରେ ମଧ୍ୟ ବିଡ଼ିଓ, ଶିକ୍ଷା ଅଧିକାରୀ, ଯନ୍ତ୍ରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ତଦନ୍ତ କରିବ ୪ ଜଣିଆ କମିଟି

### ଏମକେସିଜି ପୁରୁଣା କୋଠାରୁ ଇଞ୍ଜେକଶନ୍ ଜବତ ଘଟଣା

ବ୍ରହ୍ମପୁର,୧୮।୭(ସୁବାସ ଚନ୍ଦ୍ର ପାଢ଼ୀ)

ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ୍ ପୁରୁଣା ଇନଡୋର କୋଠାରୁ ଆଣ୍ଟିବାୟୋଟିକ୍ ଇଞ୍ଜେକଶନ ଜବତ ହେବା ଘଟଣାର ତଦନ୍ତ କରାଯିବ। ୪ ଜଣିଆ କମିଟି ତଦନ୍ତ କରିବ। ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡା କମିଟିର ଅଧ୍ୟକ୍ଷ ଥିବା ବେଳେ ଷ୍ଟୋର ମେଡିକାଲ ଅଫିସର ଆସୋସିଏଟ୍ ପ୍ରଫେସର ଅଭିନାଶ ପଣ୍ଡା, ଆକାଉଣ୍ଟ ଅଫିସର ଏସ୍.ସୁଧାକର, ହସ୍ପିଟାଲ୍ ମ୍ୟାନେଜର ସିଦ୍ଧାର୍ଥ ପ୍ରଧାନ ସଦସ୍ୟ ଅଛନ୍ତି। ଅଧୀକ୍ଷକଙ୍କ ନିର୍ଦ୍ଦେଶ ପ୍ରକାରେ ଏହି କମିଟି ଗଠନ କରାଯାଇଛି। ଶୀଘ୍ର ତଦନ୍ତ କରି ରିପୋର୍ଟ ଦେବାକୁ ଅଧୀକ୍ଷକ ନିର୍ଦ୍ଦେଶ ଦେଇଛନ୍ତି। ଔଷଧ ଚୋରି ତଦନ୍ତ କରିବାକୁ ଆଭ୍ୟନ୍ତରୀଣ କମିଟି ଗଠନ ହେବା ପରେ ଏଥିରେ ସଂପୃକ୍ତ କର୍ମଚାରୀ ଏବେ ଭୟରେ ଅଛନ୍ତି। ଏହି ଚୋରି ଧରାପଡିବା ପରେ ସବୁ ଚୋରି ଧରାପଡ଼ିବ ବୋଲି ଆଶା କରାଯାଉଛି।

## ମିଟର ପରୀକ୍ଷଣ ପ୍ରୟୋଗଶାଳା ଉଦ୍‌ଘାଟିତ

ବ୍ରହ୍ମପୁର,୧୮।୭(ସ୍ମୃତି ରଞ୍ଜନ ମହାଲିକ)

ଟାଟା ପାୱାର ଓ ରାଜ୍ୟ ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ଦକ୍ଷିଣ ଓଡିଶା ବିତରଣ ଲିମିଟେଡ (ଟିପିଏସଓଡିଏଲ) ପକ୍ଷରୁ ମହିଳାଙ୍କୁ ସଶକ୍ତ କରିବା ନେଇ ବ୍ରହ୍ମପୁରରେ ଏକ ଅତ୍ୟାଧୁନିକ ତଥା ସଂପୂର୍ଣ୍ଣ ଭାବେ ମହିଳାଙ୍କ ଦ୍ୱାରା ପରିଚାଳିତ ମିଟର ପରୀକ୍ଷଣ ପ୍ରୟୋଗଶାଳା (ମିଟର ଟେଷ୍ଟିଂ ଲାବୋରେଟୋରି) ଉଦଘାଟିତ ହୋଇଛି। ଟାଟା ପାୱାରର ସଭାପତି ସଞ୍ଜୟ ବାଙ୍ଗା ଓ ଟିପିଏସଓଡିଏଲ ସିଇଓ ଅମିତ ଗର୍ଗ ଯୋଗ ଦେଇ ଏହାକୁ ଉଦଘାଟନ କରିଛନ୍ତି। ଭାରତୀୟ ମାନଦଣ୍ଡ ଅନୁସରେ ମିଟରର କାଲିବ୍ରେସନ ଓ ପରୀକ୍ଷଣ ଆବଶ୍ୟକତା ପୂରଣ କରିବା ପାଇଁ ବ୍ରହ୍ମପୁରରେ ଏହି ମିଟର ପରୀକ୍ଷା ପ୍ରୟୋଗଶାଳା ସ୍ଥାପନ କରାଯାଇଛି। ଅତ୍ୟାଧୁନିକ ପ୍ରଯୁକ୍ତି ଥିବା ଏହି ପ୍ରୟୋଗଶାଳାରେ ୩ଟି ସ୍ୱୟଂ କ୍ରିୟା ପରୀକ୍ଷା ବେଞ୍ଚ ରହିଛି। ଯେଉଁଥିରେ ସିଙ୍ଗଲ ଫେଜ, ୩ ଫେଜ ସ୍ମାର୍ଟ ଓ ଅନ୍ୟ ୩ ପ୍ରକାର ମିଟରର ପରୀକ୍ଷଣ କରାଯାଇପାରିବ। ଟାଟା ପାୱାର ସଭାପତି କହିଛନ୍ତି, ବ୍ରହ୍ମପୁରରେ ସ୍ଥାପନ କରାଯାଇଥିବା ମିଟର ପରୀକ୍ଷା ପ୍ରୟୋଗଶାଳା ଦକ୍ଷିଣ ଓଡିଶାରେ ଗ୍ରାହକଙ୍କ ପାଇଁ ତ୍ରୁଟିଶୂନ୍ୟ ମିଟରକୁ ସୁନିଶ୍ଚିତ କରିବ। ଏହା ସହ ବିଦ୍ୟୁତ ବଣ୍ଟନ କ୍ଷେତ୍ରରେ ଲିଙ୍ଗଗତ ସମାନତା ଓ ପ୍ରଯୁକ୍ତିରେ ଉନ୍ନତି ଆଣିବା ପାଇଁ ରହିଥିବା ପ୍ରତିବଦ୍ଧତାକୁ ସୁଦୃଢ କରି ଯୁବ, ବାଳିକା ଓ ମହିଳାଙ୍କୁ ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ ଓ ମ୍ୟାନେଜମେଣ୍ଟ କ୍ଷେତ୍ରରେ କ୍ୟାରିୟର ବିକଳ୍ପ ଚୟନ କରିବା ପାଇଁ ଉତ୍ସାହିତ କରିବ। ସେହିପରି ମହିଳାଙ୍କ ନେତୃତ୍ୱରେ ପରିଚାଳିତ ଉନ୍ନତ ପ୍ରଯୁକ୍ତି ବ୍ୟବସ୍ଥା ଏକ ନିରନ୍ତର ଭବିଷ୍ୟତକୁ ଆକାର ପ୍ରଦାନ କରିବା ପାଇଁ ପ୍ରତିବଦ୍ଧତାକୁ ଏକ ମାଇଲ ଖୁଣ୍ଟ ପ୍ରତିଫଳିତ କରୁଛି ବୋଲି ସିଇଓ ଗର୍ଗ କହିଛନ୍ତି। ଟାଟା ପାୱାର ସଭାପତି ବାଙ୍ଗା ୨୪ ଘଣ୍ଟିଆ କଲ ସେଣ୍ଟର ଓ ହିଞ୍ଜିଳିକାଟୁରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଗ୍ରାହକ ସଂପର୍କ କେନ୍ଦ୍ର ପରିଦର୍ଶନ କରିଥିଲେ।

## ରଙ୍ଗେଇଲୁଣ୍ଡା ବ୍ଲକ: ରୂପାନ୍ତରିତ ହେବ ୫ ହାଇସ୍କୁଲ

ବ୍ରହ୍ମପୁର,୧୮।୭(ତନୁଶ୍ରୀ ନାହାକ)



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

୪ର୍ଥ ପର୍ଯ୍ୟାୟରେ ୫-ଟି ରୁପାନ୍ତରିତ ହେବାକୁ ଥିବା ହାଇସ୍କୁଲଗୁଡିକ ମଧ୍ୟରେ ରଙ୍ଗେଇଲୁଣ୍ଡା ବ୍ଲକର ୫ଟି ବିଦ୍ୟାଳୟ ରହିଛି। ସେଥିମଧ୍ୟରେ ବ୍ରହ୍ମପୁର ମହାନଗର ନିଗମର ଦୁଇଟି ବହୁ ପୁରାତନ ବିଦ୍ୟାଳୟ ରହିଛି। ବ୍ରହ୍ମପୁର ମହାନଗର ନିଗମର କେସିଟାଉନ ବାଳକ ଉଚ୍ଚ ବିଦ୍ୟାଳୟ, ଲାଞ୍ଜିପଲ୍ଲୀ ବାଳିକା ଉଚ୍ଚ ବିଦ୍ୟାଳୟ ରୁପାନ୍ତର ହେବାକୁ ଥିବା ବେଳେ ଗୋଳନ୍ଥରାସ୍ଥିତ ସିଦ୍ଧଭୈରବୀ ଉଚ୍ଚ ବିଦ୍ୟାଳୟ, ନାରାୟଣପୁର ଉଚ୍ଚ ବିଦ୍ୟାଳୟ, ହରଡ଼ଙ୍ଗ ଆଞ୍ଚଳିକ ବାଳିକା ବିଦ୍ୟାଳୟ ମଧ୍ୟ ସ୍ମାର୍ଟ ସ୍କୁଲ ହେବାକୁ ଯାଉଛି। ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବିଦ୍ୟାଳୟ ପିଛା ୪୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହି ଶିକ୍ଷାନୁଷ୍ଠାନଗୁଡିକ ସ୍ମାର୍ଟ ସ୍କୁଲରେ ରୁପାନ୍ତରିତ ହେବା ଦ୍ୱାରା ଛାତ୍ରୀଛାତ୍ର ମାନେ ସ୍ମାର୍ଟ ଲାଇବ୍ରେରୀ, ଲେବ୍ରୋଟୋରୀ,ଡ଼ିଜିଟାଲ କ୍ଲାସରୁମ, ସ୍ୱଚ୍ଛ ଶୌଚାଳୟ ଓ ବିଶୁଦ୍ଧ ପାନୀୟ ଜଳର ସମସ୍ତ ସୁବିଧା ପାଇପାରିବେ। ମଙ୍ଗଳବାର ବିଇଏମସି କାର୍ଯ୍ୟାଳୟ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କମିଶନର ଜେ.ସୋନାଲ, ଡ଼େପୁଟି କମିଶନର ବିନୋଦ କୁମାର ବେହେରା, ଆଶୀର୍ବାଦ ପରିଡ଼ା, ମେୟର ସଂଘମିତ୍ରା ଦଳାଇ, ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ସି, ରଙ୍ଗେଇଲୁଣ୍ଡା ବିଇଓ ଦେବେନ୍ଦ୍ର ବେହେରା, ପୂର୍ବତନ ବିଇଓ ଶାନ୍ତିଲତା ମୁନି,ବ୍ରହ୍ମପୁର କେସି ଟାଉନ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁଜତା ପଣ୍ଡା, ଲାଜିପଲ୍ଲୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ , ଆଲୁମିନି ଛାତ୍ରୀଛାତ୍ର ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ ।ସୂଚନାଯୋଗ୍ୟ, ବହୁ ପୁରାତନ କେସି ବାଳକ ଟାଉନ ଉଚ୍ଚବିଦ୍ୟାଳୟ ଦୀର୍ଘ ଦିନ ହେବ ଶିକ୍ଷକ କର୍ମଚାରୀ ଅଭାବଠାରୁ ଆରମ୍ଭ କରି ବହୁ ଅସୁବିଧା ମଧ୍ୟରେ ଚାଲିଛି। ବାରମ୍ବାର ସହରର ବହୁ ଅନୁଷ୍ଠାନ, ପୁରାତନ ଛାତ୍ରଗୋଷ୍ଠୀ ଓ ବୁଦ୍ଧିଜୀବୀ ଏହି ଶିକ୍ଷାନୁଷ୍ଠାନର ପୁନରୁଦ୍ଧାର ନିମନ୍ତେ ଦାବି ଜଣାଇ ଆସୁଥିଲେ। ଦୀର୍ଘ ଦିନ ପରେ ଏହା ସ୍ମାର୍ଟସ୍କୁଲ ଯୋଜନାର ଅନ୍ତର୍ଭୁକ୍ତ ହୋଇପାରିଥିବାରୁ ପୁରାତନ ଛାତ୍ରଗୋଷ୍ଠୀ ମଧ୍ୟରେ ଉତ୍ସାହ ଦେଖାଦେଇଛି।

## ମାଟିହାଣ୍ଡି ଖାଦ୍ୟର ଉପାଦେୟତା ନେଇ ସଚେତନତା

ବ୍ରହ୍ମପୁର,୧୮।୭(ସ୍ମୃତି ରଞ୍ଜନ ମହାଲିକ)

ବର୍ତ୍ତମାନ ଯୁବ ବର୍ଗଙ୍କଠାରୁ ଆରମ୍ଭ କରି ବରିଷ୍ଠଙ୍କ ଖାଦ୍ୟପେୟରେ ଅନିୟମିତତା ଦେଖିବାକୁ ମିଳୁଛି। ଏଭଳି ସ୍ଥଳେ ସହରର ସମାଜ କଲ୍ୟାଣକାରୀ ଅନୁଷ୍ଠାନ କେଏସପିଜି ଇଣ୍ଡିଆ ମାଟି ହାଣ୍ଡି ଖାଦ୍ୟର ଉପାଦେୟତା ଓ ନିରୋଗ ସ୍ୱାସ୍ଥ୍ୟ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଟ୍ରଷ୍ଟର ଉପସଭାନେତ୍ରୀ ସରିତା ପଣ୍ଡାଙ୍କ ନେତୃତ୍ୱ ସହରର ଲାଞ୍ଜିପଲୀ ଢିପସାହି ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଯେଉଁଥିରେ ଏଠାକାର ବାସିନ୍ଦାଙ୍କୁ ମାଟିହାଣ୍ଡି ଖାଦ୍ୟର ଉପକାରିତା ଓ ମାଠିଆ ପାଣିର ଉପକାରିତା ସଂପର୍କରେ ପରାମର୍ଶ ଦିଆଯାଇଥିଲା। ଏଥିସହ କାଠ ଚୂଲିରେ ବିନା ତେଲରେ ମାଟିହାଣ୍ଡିରେ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ପ୍ରଣାଳୀ ବୁଝାଯାଇଥିଲା। ମନୁ ମହାଙ୍କୁଡ ଓ ବିନୟ ରେଡି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

